# ଓଡ଼ିଶାକୁ ପୁଣି 'କୃଷି କର୍ମଣ'

## ଆଜି ପୁରସ୍କାର ଗ୍ରହଣ କରିବେ କୃଷିମନ୍ତ୍ରୀ

ଭୁବନେଶ୍ୱର,୧।୧(ବ୍ୟୁରୋ)

୨୦୧୬-୧୭ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ସମୁଦାୟ ଅଧିକ ଶସ୍ୟ ଉତ୍ପାଦନ ପାଇଁ ପୁଣିଥରେ ଓଡ଼ିଶାକୁ ଜାତୀୟ କୃଷି କର୍ମଣ ପୁରସ୍କାର ମିଳିବ। ଗୁରୁବାର କର୍ନାଟକର ତୁମକୁରଠାରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପୁରସ୍କାର ପ୍ରଦାନ କରିବେ। ଉନ୍ନତ ମାନର ବିହନ ଉତ୍ପାଦନ କରିବା, ଉନ୍ନତ ବୈଷୟିକ ଜ୍ଞାନକୌଶଳର ଉପଯୋଗ, ଜଳସେଚନ ସୁବିଧା, କୃଷି ଭିତ୍ତିଭୂମିର ବିକାଶ ଏବଂ ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ବିହନ ଯୋଗାଇବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ସହ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ସରକାରଙ୍କ ପକ୍ଷରୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଉକ୍ତ ଉତ୍ସବରେ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିବେ। ପୁରସ୍କାର ସ୍ୱରୂପ ୧ କୋଟି ଟଙ୍କା, ଗୋଟିଏ ଟ୍ରଫି ଏବଂ ଉପଢୌକନ ପ୍ରଦାନ କରାଯିବ। ମନ୍ତ୍ରୀଙ୍କ ସହିତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଖାଦ୍ୟ ଉତ୍ପାଦନ କମିଶନର ମଧ୍ୟ ଏହି ଉତ୍ସବରେ ଯୋଗଦେବେ।

ସୂଚନାଯୋଗ୍ୟ ଯେ ଓଡ଼ିଶା ଶସ୍ୟ ଉତ୍ପାଦନ କ୍ଷେତ୍ରରେ କ୍ରମାଗତ ଭାବେ ଆଗୁଆ ରହିଛି। ଏଥିପାଇଁ ୪ ଥର କୃଷି କର୍ମଣ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହାକୁ ମିଶାଇ ଓଡ଼ିଶାକୁ ମୋଟ ୫ ଥର କୃଷି କର୍ମଣ ପୁରସ୍କାର ମିଳିଛି। ଶେଷଥର ଲାଗି ୨୦୧୪-୧୫ ଆର୍ଥିକ ବର୍ଷ ପାଇଁ ୨୦୧୬ରେ କୃଷି କର୍ମଣ ପୁରସ୍କାର ମିଳିଥିଲା।

# ସୁଗନ୍ଧିତ ପୁଷ୍ପ, ଭୋଜିଭାତରେ ମହକିଲା ଲୋକସେବା, ଖାରବେଳ ଭବନ

**ଭୁବନେଶ୍ୱର,୧।୧(ବ୍ୟୁରୋ:** ବୁଧବାର ଥିଲା ନୂଆବର୍ଷର ପ୍ରଥମ ଦିବସ। କାମଧନ୍ଦାରେ ମନ ନାହିଁ। ପରସ୍ପରକୁ ନବ ବର୍ଷର ଶୁଭେଚ୍ଛା ଜଣାଇବାରେ ବ୍ୟସ୍ତ ଥିଲେ କର୍ମଚାରୀ। ଲୋକସେବା ଭବନଠାରୁ ଆରମ୍ଭକରି ଖାରବେଳ ଭବନ, ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ସରକାରଙ୍କ ଅନ୍ୟ କାର୍ଯ୍ୟାଳୟରେ ବୁଧବାର ଦିନତମାମ ଥିଲା ଏମିତି ଦୃଶ୍ୟ। ଲୋକସେବା ଭବନ ଫୁଲର ସୁଗନ୍ଧିତ ମହକ ସାଙ୍ଗକୁ ଭୋଜିଭାତର ଆସର ଦେଖିବାକୁ ମିଳିଥିଲା। ପରିବେଶକୁ ଅଧିକ ଆକର୍ଷଣୀୟ କରିଥିଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଫୁଲହାର, ବେଲୁନ, ଝୋଟି ଓ ସାଜସଜ୍ଜା। କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ବୁଲି ବୁଲି ଫୁଲତୋଡା ଦେବା ସହ ନୂଆ ବର୍ଷର ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ କମ୍ପାନୀ ଓ ସଂସ୍ଥାର ସଦସ୍ୟମାନେ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବଙ୍କୁ ସାକ୍ଷାତ କରି ଫୁଲତୋଡା ଦେଇ ନବ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏପରିକି ସଜା ଯାଇଥିବା ଝୋଟି ନିକଟରେ ନିଯୁକ୍ତି ପାଇଥିବା ଯୁବ କର୍ମଚାରୀମାନେ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ବିଭାଗର ସାଂସ୍କୃତିକ ସଂଘ ବ୍ୟାନର ଓ ଫୁଲ ସଜାଇ ନିଜ ନିଜ ବିଭାଗର ଆକର୍ଷଣକୁ ବଢ଼ାଇଥିଲେ।

# ଧର୍ମଶାଳା ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ପ୍ରବଳ ଜନସମାଗମ

**ଧର୍ମଶାଳା,୧।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାଠାରେ ଚାଲିଥିବା ୧୫ତମ ଧର୍ମଶାଳା ମହୋତ୍ସବର ବୁଧବାର ଅଷ୍ଟମ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ନୂଆବର୍ଷ ହୋଇଥିବାରୁ ଦୂରଦୂରାନ୍ତରୁ ଅନେକ ଲୋକ ମହୋତ୍ସବ ପଡ଼ିଆରେ ବୁଲିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୂର ମଜା ଉଠାଇଥିଲେ। ମହୋତ୍ସବ ପଡିଆରେ ପସରା ମେଲାଇଥିବା ବିଭିନ୍ନ କିସମର ଚଟପଟି ଖାଦ୍ୟ ଠାରୁ ଆରମ୍ଭ କରି ହସ୍ତତନ୍ତ୍ର, ଶୀତ ବସ୍ତ୍ର ଓ ଘରକରଣା ସାମଗ୍ରୀ ବିକ୍ରି ହେଉଥିବା ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ଲାଗି ରହିଛି। ମହୋତ୍ସବ ପଡିଆରେ ପଡିଥିବା ବାଉଁଶ, ବେତ କପଡ଼ା, କାଠ ତିଆରି ଘରସଜା ସାମଗ୍ରୀ ଓ ଘରକରଣା ସାମଗ୍ରୀ ଷ୍ଟଲରେ ଗୃହିଣୀମାନଙ୍କ ଭିଡ଼ ଲାଗିରହିଛି। ଜିଲା ଓ ଜିଲା ବାହାରୁ ଆସିଥିବା ହଜାରହଜାର ଦର୍ଶକ ମହୋତ୍ସବ ପଡିଆରେ ବୁଲି ମନୋରଞ୍ଜନ କରିବା ସହିତ ବିଭିନ୍ନ ପ୍ରକାର ଚଟପଟି ଖାଦ୍ୟର ମଜା ନେଉଛନ୍ତି। ଅନ୍ୟପଟେ ପିଲା ଓ ଯୁବକ ଯୁବତୀମାନେ ଭଳିକି ଭଳି ଦୋଳି ଖେଳି ଭରପୁର ମଜା ନେଉଛନ୍ତି। ଏହି ପଡିଆରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ଅଷ୍ଟମ ସଂନ୍ଧ୍ୟାରେ ବ୍ରହ୍ମପୁରର ଅର୍କେଷ୍ଟ୍ରା ମର୍ଡନ କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଉପଭୋଗ୍ୟ ହୋଇଥିଲା। ଗୁରୁବାର କଟକର ଅର୍କେଷ୍ଟ୍ରା ସାଗର ସଙ୍ଗମ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଧର୍ମଶାଳା ମହୋତ୍ସବ କମିଟିର ସଭାପତି ଜଳଧର ମହାନ୍ତି,ଉପ ସଭାପତି ଇନ୍ଦ୍ରମଣି ନାୟକ, ସଂପାଦକ ସତ୍ପ୍ରିୟ ମହାନ୍ତି, କୋଷାଧ୍ୟକ୍ଷ ସୁଦିପ୍ତ ସ୍ୱାଇଁ, ସବ୍ୟସାଚୀ ସୁନ୍ଦରାୟ, ଅନିରୁଦ୍ଧ ରାଉତ, ନକୁଳ ସାହୁ, ସବ୍ୟସାଚୀ ବେହେରା ପ୍ରମୁଖ ସହାୟତା କରିଥିଲେ। ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।




ଧର୍ମଶାଳା ମହୋତ୍ସବରେ ବ୍ରହ୍ମପୁର ଅର୍କେଷ୍ଟ୍ରା ମର୍ଡନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

# ଦର୍ଶକଙ୍କ ମନ ଜିଣିଲା ଗାଁ କଳାକାରଙ୍କ ଅଭିନୟ

ରସୁଲପୁର,୧।୧(ଡି.ଏନ୍.ଏ.)

୬୫ତମ ଲକ୍ଷ୍ମୀନାରାୟଣ ପୂଜା ଓ ୧୨ତମ କୁଆଖିଆ ମହୋତ୍ସବ ସରିବାକୁ ପାଇଁ ଆଉ ମାତ୍ର ୩ ରାତି ରହିଲା। ଆସନ୍ତା ୫ତାରିଖରେ ମା'ଙ୍କ ଭାସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ଓ ମହୋତ୍ସବ ସରି ଆସିବାବେଳକୁ ଅଧିକ ଆକର୍ଷଣୀୟ ହୋଇ ଉଠିଛି। ପରିଚାଳନା କମିଟିର କର୍ମକର୍ତ୍ତାଗଣ ଯୋଜନା ମୁତାବକ ଅତ୍ୟନ୍ତ ଆକର୍ଷଣୀୟ କାର୍ଯ୍ୟକ୍ରମକୁ ଶେଷଆଡ଼କୁ ପ୍ରଦର୍ଶନ କରିବାକୁ ସ୍ଥିର କରିଛନ୍ତି। ବୁଧବାରଠାରୁ ଲକ୍ଷ୍ମୀନାରାୟଣ ମଞ୍ଚ ତଳେ ଅଧିକ ସଂଖ୍ୟକ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଛି। ଗ୍ରାମୀଣ ଉଦୀୟମାନ କଳାକାରମାନେ ସେମାନଙ୍କ କଳାନୈପୁଣ୍ୟତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ମଞ୍ଚରେ ମା' ବୁଢି ବାସୁଳାଇ ନାଟ୍ୟ ସଂସଦ, ଓରାଳି ପକ୍ଷରୁ 'କାନ ଧରୁଛି ଲୋ କଟି ପକାନି' ଶୀର୍ଷକ ନାଟକ ପରିବେଶଣ କରାଯାଇଥିଲା। ଏଥିରେ ଅଂଶ ଗ୍ରହଣ କରିଥିବା ସ୍ଥାନୀୟ ଗ୍ରାମର କଳାକାରଙ୍କ ନିଖୁଣ ଅଭିନୟ ସାଧାରଣରେ ବେଶ୍ ପ୍ରଶଂସିତ ହୋଇଥିଲା। ସେହିପରି ଲକ୍ଷ୍ମୀନାରାୟଣ ପୂଜା ମଞ୍ଚ ଗାଁଗଣ୍ଡାର ଲୁଚ୍ଚାୟିତ କଳାକାର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ବିଶେଷ ସହାୟକ ହୋଇପାରିଛି ବୋଲି ନାଟକରେ ଅଂଶଗ୍ରହଣ କରିଥିବା ଯୁବ କଳାକାରମାନେ ମତ ରଖିଛନ୍ତି।




୬୫ତମ ଲକ୍ଷ୍ମୀନାରାୟଣ ପୂଜା ଓ ୧୨ତମ କୁଆଖିଆ ମହୋତ୍ସବ

## କମାଲ ଦେଖାଇଲେ ଶିଶୁ କଳାକାର

ନବବର୍ଷରେ କୁଆଖିଆ ମହୋତ୍ସବ ମଞ୍ଚ ଦର୍ଶକମାନଙ୍କୁ ନୂତନ ସ୍ୱାଦର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭେଟି ଦେଇଛି। ବୀଣାପାଣି କଳାନିକେତନ, ଆନନ୍ଦପୁର, କେନ୍ଦୁଝର ଜିଲାର ଶିଶୁ କଳାକାରମାନେ ଏଥିରେ ସାମିଲ ହୋଇଛନ୍ତି। କୁନିକୁନି ଶିଶୁ କଳାକାରଙ୍କ କଳାନୈପୁଣ୍ୟତା ଯିଏ ନ ଦେଖିଛି ସେ ଏକ ବଡ଼ ସୁଯୋଗକୁ ହାତଛଡ଼ା କରିଛି ବୋଲି ଆଲୋଚନା ହେଉଛି। କଳାନିକେତନର ମୁଖ୍ୟ ପାର୍ଥସାରଥୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଶିଶୁ କଳାକାରଙ୍କ ନାଚକୁ ମନୋଭରି ଦର୍ଶକମାନେ ଉପଭୋଗ କରିଥିଲେ। ମଞ୍ଚ ତଳର କଳାପ୍ରେମୀଙ୍କ ପ୍ରୋତ୍ସାହନ ମଞ୍ଚସ୍ଥ କଳାକାରଙ୍କୁ ବେଶ୍ ଉତ୍ସାହିତ କରିଥିଲା।

# ସରିଲା ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

କୁଆଖିଆ ବଜାରର ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ସୋମବାର ଶେଷ ହୋଇଛି। ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଅନୁଷ୍ଠିତ ଏହି ମେଳା ୭ଦିନ ବ୍ୟାପି ଧରି ଚାଲିଥିଲା। ମାତ୍ର ଆୟୋଜନକୁ ନେଇ ପ୍ରଚାର ପ୍ରସାର ଅଭାବରୁ ଜିଲାର ବହୁ କାରିଗର ଯୋଗଦେଇ ପାରି ନ ଥିଲେ। ଏହାଛଡ଼ା ସମଗ୍ର ରାଜ୍ୟରେ ୫୦ପ୍ରକାରର କାରିଗରୀ ସମାଗ୍ରୀ ଉତ୍ପାଦନ ହେଉଛି। ସେଥିମଧ୍ୟରୁ ମାତ୍ର ୧୨ଟି କାରିଗରୀ ସମାଗ୍ରୀ ମେଳାରେ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶିତ ମେଳାରେ କାଇଁଚ, ପଥି ଖୋଦେଇ, ଚାନ୍ଦୁଆ ଭଳି ସମାଗ୍ରୀରୁ ଅଧାରୁଅଧିକ ଷ୍ଟଲ୍ ଥିଲା। ଏହାଛଡା ସୂଚନା ମିଳି ନଥିବାରୁ ଏକାଧିକ ପ୍ରକଳ୍ପ ମେଳାରେ ସ୍ଥାନ ପାଇବାରୁ ବଂଚିତ ହୋଇଥିଲା । ଏହାଛଡା ମେଳାରେ ପ୍ରତ୍ୟହ ମଂଚ କାର୍ଯ୍ୟକ୍ରମ ରଖାଯାଇଥିଲା । ନିମନ୍ତ୍ରଣ ପତ୍ରରେ ସ୍ଥାନିତ ଅତିଥିମାନଙ୍କର ଦେଖା ମିଳି ନଥିଲା । ପ୍ରତିକୂଳ ପାଗ ଓ ଜନ ସମାଗମ ନ ହେବାରୁ କାରବାର ବି ସନ୍ତୋଷଜନକ ହୋଇପାରି ନ ଥିଲା। ମେଳା ୩ଦିନ ପରେ ପ୍ରଚାର ଗାଡ଼ି ବୁଲିଥିଲା। ଶେଷ ଆଡ଼କୁ କିଛିଟା ବ୍ୟବସାୟ ହୋଇଥିଲା । ମାତ୍ର ଆୟୋଜନ ଦାୟିତ୍ୱରେ ଥିବା ଆଞ୍ଚଳିକ ଶିଳ୍ପକେନ୍ଦ୍ର ଅଧିକାରୀଙ୍କ ଅବହେଳା ଯୋଗୁ କାରିଗରମାନେ ସେମାନଙ୍କ ନାର୍ଯ୍ୟଦାବିରୁ ବଞ୍ଚିତ ହୋଇଥିଲେ। କାରିଗରଙ୍କ ପ୍ରାପ୍ୟ ପ୍ରଦାନରେ ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଜିଲା ଭିତରୁ ଓ ବାହାରୁ ଆସିଥିବା କାରିଗରମାନଙ୍କୁ ସେମାନଙ୍କ ପରିବହନ ବାବଦକୁ ଖର୍ଚ୍ଚ ମେଳାରେ ଶେଷ ଦିନରେ ପ୍ରଦାନ କରାଯାଇଥିଲା। ତେବେ କେତେକ କାରିଗରମାନଙ୍କୁ ଯାତାୟତ ଖର୍ଚ୍ଚ ମିଳି ନ ଥିବା ବିଞ୍ଝାରପୁର ଅଞ୍ଚଳର ମଧୁସ୍ମିତା ଜେନା ଓ ବଡ଼ଚଣା ଅଞ୍ଚଳର କାରିଗର ପ୍ରମିଳା ଦାସ ଅଭିଯୋଗ କରିଛନ୍ତି। ମେଳା ଆୟୋଜନରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ଆୟୋଜିତ ମେଳାକୁ ଆସିବେ ନାହିଁ ବୋଲି ଉଭୟେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସହକାରୀ ସାଧାରଣ ପରିଚାଳକ ପ୍ରଭାତ କୁମାର ମିଶ୍ରଙ୍କୁ ପଚାରିବାରୁ ଛୁଟି ଥିବାରୁ ବ୍ୟାଙ୍କ ବନ୍ଦ ଥିଲା। ଟଙ୍କା ଉଠାଇବାରେ ବିଳମ୍ବ ହେବାରୁ କାରିଗରମାନଙ୍କୁ ଟଙ୍କା ପ୍ରଦାନରେ ବିଳମ୍ବ ହୋଇଛି । ଏହି ଅର୍ଥ କାରିଗରଙ୍କ ଜମାଖାତାକୁ ଯିବା କଥା। ମାତ୍ର କାର୍ଯ୍ୟାଳୟ ନିଷ୍ପତି ମୁତାବକ ଟଙ୍କା ଆକାରରେ ପ୍ରଦାନ କରାଯାଇଛି। ଯାତାୟତ ଖର୍ଚ୍ଚ ଶେଷ ଦିନ ସୁଦ୍ଧା ଦିଆଯାଇ ନ ଥିବା କଥାକୁ ସ୍ୱୀକାର କରିଛନ୍ତି।



# ଆକର୍ଷିତ କରୁଛି ମହୋତ୍ସବ ତୋରଣ

ଚଳିତଥର ମହୋତ୍ସବର ତୋରଣ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। କାଇଞ୍ଚ ଓ କଞ୍ଚରେ ନିର୍ମିତ ଏହି ତୋରଣ ଦର୍ଶକଙ୍କ ମନକୁ ଛୁଇଁ ପାରିଛି। ତୋରଣ ସମ୍ମୁଖରେ ଯୁବତୀଯୁବକମାନେ ସେଲ୍‌ଫି ଉଠାଇବାର ମଜା ନେଉଛନ୍ତି। ତୋରଣ ମୁଖଶାଳାର ଉଭୟ ପାର୍ଶ୍ୱରେ ସ୍ଥାପିତ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ପ୍ରବେଶ ଦ୍ୱାରର ଶୋଭାବର୍ଦ୍ଧନ କରିବାରେ ସହାୟକ ହେଉଛି। ମହୋତ୍ସବ ପଡ଼ିଆକୁ ପ୍ରବେଶ କରିବା ପୂର୍ବରୁ ଦର୍ଶକମାନେ ତୋରଣ ଉପରେ ନଜର ପକାଇବାକୁ ଆଦୌ ଭୁଲୁ ନାହାନ୍ତି।





















## ସଂକ୍ଷେପରେ

### ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ପାଇଲେ ଉପଜିଲାପାଳ

**ଯାଜପୁର ଅଫିସ,୧୧:** ଯାଜପୁର ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଗ୍ରୁପ ଏ’ ସିନିୟର ବ୍ରାଞ୍ଚ କ୍ୟାଡରରେ ଥିବା ଧଳ



ପଦୋନ୍ନତି ପରେ ସୁପରଟାଇମ ସ୍କେଲ ଭାବେ ଯୁଗ୍ମସଚିବ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। ତେବେ ଯୁଗ୍ମସଚିବ ପାହ୍ୟା ପାଇ ସେ ଉପଜିଲାପାଳ ଭାବେ କାର୍ଯ୍ୟ କରବାକୁ ସରକାରୀ ନିର୍ଦ୍ଦେଶ ଏକ ବିଜ୍ଞପ୍ତି ମାଧମରେ ପ୍ରାପ୍ତ ହୋଇଛି। ଏହି ପଦୋନ୍ନତି ପାଇଁ ଧଳଙ୍କୁ ଜିଲାପାଳ, ଅତିରିକ୍ତ ଜିଲାପାଳ ଯାଜପୁର ଓ କଳିଙ୍ଗନଗର, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଅଧିକାରୀ ଓ କର୍ମଚାରୀମାନେ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଛନ୍ତି।

### ଜଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ: ପୋବଳ ଚାମ୍ପିୟନ

**ଜେନାପୁର,୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ଅଧିନ ଦଳଗାଁ ଜେସିସି ଖେଳ ପଡ଼ିଆରେ ଚାଲିଥିବା ୧୪ତମ ବାର୍ଷିକ ଜଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ମା’ ପୋବଳେଇ କ୍ରିକେଟ ଟିମ୍ ପୋବଳ ବନାମ ମା’ ବାସୁଳେଇ କ୍ରିକେଟ ଟିମ୍ କୋରକୋରା ମଧରେ ଅନୁଷ୍ଠିତ ହୋଇଥିଲା। ପୋବଳ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ସମସ୍ତ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ବିପକ୍ଷ କୋରକୋରା ଟିମ୍ ୧୬.୧ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୦୭ ସଂଗ୍ରହ କରିଥିଲା। ବିଜୟ ଦଳର ପର୍ଶୁରାମ ବେହେରା ୨୨ ବଲ ଖେଳି ୪୭ ରନ କରି ମ୍ୟାନ୍ ଅଫ୍ ଦ ମ୍ୟାଚ ଓ ବିପକ୍ଷ ଦଳର ପୂର୍ଣ୍ଣଚନ୍ଦ୍ର ସାହୁ ମ୍ୟାନ୍ ଅଫ୍ ଦ ସିରିଜ ହୋଇଥିଲେ। ଖେଳକୁ ଅକ୍ଷୟ ଜେନା, ଅସୀତ ସ୍ୱାଇଁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ତରଣୀସେନ ମଲ୍ଲିକ, ରାକେଶ ଦାସ ଉପସ୍ଥତ ଥିବାବେଳେ ସ୍କୋରର ଭାବେ ଅନୀଲ ସ୍ୱାଇଁ, ସ୍ମୃତି ରଞ୍ଜନ ଜେନା ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସ୍ମୃତିରେଖା ପହୀ, ସମ୍ମାନିତ ଅତିଥି ଭାବେ ଜେନାପୁର ଥାନାଅଧିକାରୀ ସୁଶାନ୍ତ କୁମାର ଦାସ, ସାମାଜିକକର୍ମୀ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଦୁଇ ଦଳର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ପଙ୍କଜ ଜେନା, ସୁକଦେବ ଜେନା, ଜ୍ୟୋତି ପ୍ରକାଶ ସ୍ୱାଇଁ, ଦୀପକ କୁମାର ସ୍ୱାଇଁ, ଚନ୍ଦନ ଜେନା, ପ୍ରିତିରଞ୍ଜନ ଦାସ, ଅଜିତ ଜେନା, ପ୍ରଭୁ ପ୍ରବୀଣ ସ୍ୱାଇଁ, ଆକାଶ ସ୍ୱାଇଁ, ସାଇରାମ ସ୍ୱାଇଁଙ୍କ ସମେତ ଜେସିସିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଆଜି କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ୧୪ ବର୍ଷ ପୂରିବ

# ଶହୀଦ ଦିବସ ପାଳନକୁ ନେଇ ବିବାଦ

**ଯାଜପୁର ଅଫିସ,୧୧**

ଜାନୁୟାରୀ ୨ ତାରିଖ ଗୁରୁବାର କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ୧୪ବର୍ଷ ପୂରିବ। ତେବେ ଏହି ଅବସରରେ ଶହୀଦ ଦିବସ ପାଳନକୁ ନେଇ ବହୁଜନ କ୍ରାନ୍ତି ମୋର୍ଚ୍ଚା ଓ କଳିଙ୍ଗନଗର ବିସ୍ଥାପନ ବିରୋଧୀ ଜନମଞ୍ଚ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। କଳିଙ୍ଗନଗର ଥାନା ପୋଲିସ ଏହି ଘଟଣାକୁ ନେଇ ଅଡୁଆ ପରିସ୍ଥିତିରେ ପଡ଼ିଥିବାବେଳେ ବୁଧବାର ରାତିରେ ଉଭୟପକ୍ଷର କର୍ମକର୍ତ୍ତାଙ୍କୁ ଡାକି ବୁଝାଶୁଝା କରିବା ସହ ଏକାଠି ଶହୀଦ ଦିବସ ପାଳନ କରିବାକୁ ପରାମର୍ଶ ଦେଇଛି। ତେବେ ଏହାକୁ ଉଭୟ ଗୋଷ୍ଠୀ କେତେଦୂର ଗ୍ରହଣ କରୁଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଭୟ ବହୁଜନ କ୍ରାନ୍ତି ମୋର୍ଚ୍ଚା ଓ କଳିଙ୍ଗନଗର ବିସ୍ଥାପନ ବିରୋଧି ଜନମଞ୍ଚ ପୃଥକ ଭାବେ ଶହୀଦ ଦିବସ ପାଳନ କରିବାକୁ ଅଡ଼ି ବସିଛନ୍ତି। କଳିଙ୍ଗନଗର ବିରୋଧି ଜନମଞ୍ଚ ଶହିଦ ଦିବସ ନୁହେଁ ଶହୀଦ ଉତ୍ସବ ପାଳନ କରୁଛି ବୋଲି ବହୁଜନ କ୍ରାନ୍ତି ମୋର୍ଚ୍ଚାର କର୍ମକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ତେଣୁ ଗୁଳିକାଣ୍ଡ ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଦିଗରେ କେବଳ ବହୁଜନ କ୍ରାନ୍ତି ମୋର୍ଚ୍ଚା କାର୍ଯ୍ୟ କରିବ ବୋଲି ମୋର୍ଚ୍ଚା ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ବହୁଜନ କ୍ରାନ୍ତି ମୋର୍ଚ୍ଚାର ରଞ୍ଜିତ ମଲ୍ଲିକ, ସିନି ସଏ, ରାଜେନ୍ଦ୍ର କାଲୁଣ୍ଡିଆ ପ୍ରମୁଖଙ୍କ କହିବା ହେଲା ଆଦିବାସୀମାନେ ନିଜର ଜଳ, ଜମି, ଜଙ୍ଗଲର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିଥିଲେ। ସେମାନଙ୍କ ଉପରକୁ ଜିଲା ପ୍ରଶାସନ ତରଫରୁ ଅମାନବୀୟ ଭାବରେ ଗୁଳିଚାଳନା କରାଗଲା। ଏଥିରେ ୧୩ ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। କେବଳ ସେତିକି ନୁହେଁ ହତ୍ୟା କରାଯାଇଥିବା ୬ଜଣଙ୍କ ମଧ୍ୟରୁ ୫ଜଣଙ୍କ ହାତ ପାପୁଲି କାଟି ନିଆଯାଇଥିଲା। ଏବେବି ସେହି ହାତ ପାପୁଲିଗୁଡ଼ିକ ସୁରକ୍ଷିତ ଭାବେ ରଖାଯାଇଛି। କିନ୍ତୁ ସରକାର ହାତ ପାପୁଲିର ଡିଏନ୍ଏ ପରୀକ୍ଷା ରିପୋର୍ଟ ଦେବାରେ ଆଦୌ ଆଗ୍ରହ ପ୍ରକାଶ କରି ନାହାନ୍ତି। ଅନ୍ୟପକ୍ଷେ ଏହି ବର୍ବର ହତ୍ୟାକାଣ୍ଡ ଦ୍ୱାରା ମୃତାହତ ତଥା ବିସ୍ଥାପିତ ଲୋକଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ କୌଣସି ନ୍ୟାୟୋଚିତ କ୍ଷତିପୂରଣ ମିଳିନାହିଁ। ତେଣୁ ଅତି କମ୍‌ରେ ୧୦୦ କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଜମା କରି ସେଥିରୁ ମିଳିବାକୁ ଥିବା ସୁଧରେ ମୃତ ଆଦିବାସୀ ପରିବାରଙ୍କ ପ୍ରତିପୋଷଣ ତଥା ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟାର ସମାଧାନ କରାଯିବା ପାଇଁ ମୋର୍ଚ୍ଚ ଦାବି କରିଛି। ଏହି ଜନବିରୋଧୀ ତଥା ସମ୍ବିଧାନ ବିରୋଧୀ ଘଟଣାକୁ ବହୁଜନ କ୍ରାନ୍ତିମୋର୍ଚ୍ଚା ସମେତ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚା, ରାଷ୍ଟ୍ରୀୟ ମୂଳନିବାସୀ ମହିଳା ସଂଘ ପକ୍ଷରୁ ଘୋର ବିରୋଧ କରିବା ସହ ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସାମ୍ବିଧାନିକ ଉପାୟରେ ରାଜରାସ୍ତାରେ ଓହ୍ଲାଇବାକୁ ପାଇଁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଛି। ଏହିକ୍ରମରେ ସାମାଜିକ କର୍ମୀ ସିନି ସଏ କହିଛନ୍ତି ମୃତାହତ ପରିବାରବର୍ଗ ଉଚିତ ନ୍ୟାୟ ପାଇ ନାହାନ୍ତି। ଏହାକୁ ରାଷ୍ଟ୍ରୀୟସ୍ତରରେ ଦାବି କରିବାକୁ ଯୋଜନା ହୋଇଛି। ବୀରଭୂମିରେ ଏକାଠି ଶହୀଦ ଦିବସ ପାଳନ କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। କିନ୍ତୁ ବହୁଜନ କ୍ରାନ୍ତି ମୋର୍ଚ୍ଚାର ବ୍ୟାନର ଲାଗି ପାରିବ ନାହିଁ ବୋଲି କଳିଙ୍ଗନଗର ବିସ୍ଥାପନ ବିରୋଧୀ ମଞ୍ଚ ମନା କରିଛି। ରାଷ୍ଟ୍ରୀୟସ୍ତରର ବହୁ କର୍ମକର୍ତ୍ତା ଆସୁଥିବାରୁ ଯଦି ବ୍ୟାନର ନ ଲାଗିବ ତେବେ ଠିକ୍ ହେବ ନାହିଁ। ବ୍ୟାନର ସହ ବୀରଭୂମିରେ ପୁଷ୍ପମାଲ୍ୟ ଅର୍ପଣ କରି ସହିଦ ଦିବସ ନିଶ୍ଚିତ ଭାବେ ପାଳନ କରାଯିବ ବୋଲି ସଏ କହିଛନ୍ତି। ମୋର୍ଚ୍ଚାର ଅନ୍ୟତମ କର୍ମକର୍ତ୍ତା ରଞ୍ଜିତ ମଲିକ କହିଛନ୍ତି ମୃତ ଆଦିବାସୀ ପରିବାରବର୍ଗଙ୍କୁ ସରକାରୀ ରିଜର୍ଭେସନ କେଟେଗୋରୀରେ ନିଯୁକ୍ତି ମିଳିଛି। କିନ୍ତୁ ଜେନେରାଲ ସିଟ୍‌ରେ ସେମାନଙ୍କୁ କୌଣସି ଫାଇଦା ମିଳିନାହିଁ। ଟାଟା କମ୍ପାନୀରେ ମଧ ସେମାନଙ୍କୁ କୌଣସି ଥଇଥାନ କରାଯାଇ ନ ଥିବାରୁ ପରିବାରଗୁଡ଼ିକ ବହୁ ସମସ୍ୟାରେ କାଳାତିପାତ କରୁଛନ୍ତି। ଅପରପକ୍ଷରେ କଳିଙ୍ଗନଗର ବିସ୍ଥାପନ ବିରୋଧୀ ଜନମଞ୍ଚର ରବି ଜାରିକାଙ୍କ କହିବା ହେଲା ଯେ, ଗୁଳିକାଣ୍ଡରେ ଶହୀଦ ଆଦିବାସୀଙ୍କ ନାମରେ ପ୍ରତିବର୍ଷ ଶହୀଦ ଦିବସ ପାଳନ ହୋଇଆସୁଛି। ଏଥିରେ କୌଣସି ଅନିୟମିତତା ହୋଇ ନାହିଁ। ମୃତ ଆଦିବାସୀ ପରିବାରବର୍ଗଙ୍କ ସ୍ୱାର୍ଥ ପାଇଁ ଲଢେଇ ମଧ ଜାରି ରହିଛି। ସମଭାବାପନ୍ନ ଦଳଙ୍କୁ ଏଥିରେ ନିଶ୍ଚିତ ଭାବେ ସାମିଲ କରାଯିବ ବୋଲି ସେ କହିଛନ୍ତି।



- ଦୁଇ ଗୋଷ୍ଠୀ ମୁହାଁମୁହିଁ
- ଏକାଠି ପାଳନ କରିବାକୁ ପୋଲିସର ପରାମର୍ଶ
- ମୃତ ଆଦିବାସୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବ ବହୁଜନ କ୍ରାନ୍ତି ମୋର୍ଚ୍ଚା

### ସାମ୍ବାଦିକଙ୍କ ବିୟୋଗରେ ଶୋକସଭା

**ଜେନାପୁର,୧୧(ଡି.ଏନ୍.ଏ.)**

ଯାଜପୁର ଜିଲାର ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ, ସାମାଜିକକର୍ମୀ ଅନିରୁଦ୍ଧ ସାମନ୍ତରାୟଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଏକ ଘରୋଇ ଟିଭି ଚ୍ୟାନେଲରେ ଜିଲା ପ୍ରତିନିଧିଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ନିର୍ମଳ ସ୍ୱଭାବ ପାଇଁ ସେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ବିୟୋଗରେ ବୁଧବାର ଧର୍ମଶାଳା ନେତାଜୀ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ସୌମ୍ୟପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅନିରୁଦ୍ଧ ସାମନ୍ତରାୟ ଜଣେ ନିର୍ଭିକ ଓ ସ୍ପଷ୍ଟବାଦୀ ସାମ୍ବାଦିକ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଅନିରୁଦ୍ଧ ଜୀବିତ ଅବସ୍ଥାରେ ତାଙ୍କ ଶରୀର ଦାନ ପାଇଁ ଘୋଷଣା କରିଥିବାରୁ ସେ ଜଣେ ପ୍ରେରଣାଦାୟୀ ମଣିଷ ବୋଲି ସମ୍ପାଦକ ବସନ୍ତ କୁମାର ନାୟକ ତାଙ୍କ ଶୋକବାର୍ତ୍ତାରେ କହିଥିଲେ। ଅନିରୁଦ୍ଧଙ୍କ ବିୟୋଗରେ ଯାଜପୁର ଜିଲା ଜଣେ ଦକ୍ଷ ସାମ୍ବାଦିକଙ୍କୁ ହରାଇଲା ବୋଲି ସଭାରେ ଉପସଭାପତି ଅଶୋକ କୁମାର ଦାସ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ସାମ୍ବାଦିକ ଶଙ୍କରପ୍ରତାପ ଦାସ, ସହସମ୍ପାଦକ ସୁଶାନ୍ତ ଖଡ଼ୁଆ, କୋଷାଧକ୍ଷ ପ୍ରଭାତ ସାହୁ, ଶୁଶାନ୍ତ ଗୋଛାୟତ, ସୁବ୍ରତ ସାହୁ, ସୁନୀଲ ଶତପଥି, ପ୍ରଶାନ୍ତ ସାମଲ, ବାବୁଲି ରାଉତ, ବିନୋଦ ରାଉତ ସ୍ୱର୍ଗତ ଅନିରୁଦ୍ଧଙ୍କ ସ୍ମୃତି ଚାରଣ କରିଥିଲେ।

## ଆନ୍ତର୍ଜାତିକ ଶୋଭନୀୟ ମହୋତ୍ସବ ଉଦ୍‌ଘାଟିତ

**ଚଣ୍ଡିଖୋଲ,୧୧(ଡି.ଏନ.ଏ)**

ଐତିହାସିକ ବୌଦ୍ଧପୀଠ ଉଦୟଗିରିଠାରେ ଥିବା ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଶୋଭନୀୟ ଉତ୍ସବକୁ ବୁଧବାର ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରିଛନ୍ତି। ବୁଧବାର ସକାଳେ ସାମୁହିକ ପ୍ରାର୍ଥନା ସଭା ସହ ଉଦୟଗିରି ପାହାଡ଼ ଶୀର୍ଷରେ ଥିବା ଯୁଗସ୍ତମ୍ଭକୁ ଯାତ୍ରା ଏବଂ ଜଗତକଲ୍ୟାଣ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷାଶ୍ରମ ଅଧକ୍ଷା ଅରୁନ୍ଧତୀ ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ଆଇନଜୀବୀ ସୁରେନ୍ଦ୍ର କୁମାର ପତି, ଦିଲ୍ଲୀର ଯୋଗଗୁରୁ ପୂର୍ବତନ ବାୟୁସେନା ଅଧିକାରୀ ଏମ୍.ଏସ୍ ଯୋଗୀ, ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ତଥା ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ରଜତ କୁମାର କର, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ନିର୍ମଳ କୁମାର ଦାସ ଏବଂ ଶୋଭନୀୟ ମାର୍ଗଦର୍ଶକ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ଏହା ଏକ ପବିତ୍ର ଶିକ୍ଷା, ଦୀକ୍ଷାପୀଠ। କୁମାର ଭାଇଙ୍କ ଦ୍ୱାରା ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସ୍ଥାପନର ଆଭିମୁଖ୍ୟ ନେଇ ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ଆରମ୍ଭ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ନୂତନ ଶିକ୍ଷାପଦ୍ଧତି ଓ ଚେତନାପ୍ରଦ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ମିନତୀ ଦେବୀ, ବରଦା ଗୁରୁମା, କେଦାର ଗୁରୁମା ପ୍ରଭୃତି ସହଯୋଗ କରିଥିଲେ। ବହୁ ସଭ୍ୟାସଭ୍ୟ ଓ ବୁଦ୍ଧିଜୀବୀ, ଅଭିଭାବକ ଯୋଗ ଦେଇଥିଲେ।




ଆନ୍ତର୍ଜାତିକ ଶୋଭନୀୟ ମହୋତ୍ସବରେ ମଞ୍ଚାସୀନ ଅତିଥି।

### ଆଶିଷ ହେଲେ ଭାଜପା ରାଜ୍ୟ ପରିଷଦ ସଭ୍ୟ

**ଚଢେଇଧରା,୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତ ଆଶିଷ ବଳଙ୍କୁ ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ରାଜ୍ୟ ପରିଷଦ ସଭ୍ୟଭାବେ ମନୋନୀତ କରାଯାଇଛି। ଆଶିଷ ପୂର୍ବରୁ ଭାଜପାର ଜଣେ ବରିଷ୍ଠ କର୍ମୀ ଥିଲେ। ଏହାସହ ସେ ମଧୁପୁରଗଡ ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଜିଲାପରିଷଦ ୧୧ ନମ୍ବର ଜୋନର ପ୍ରଭାରୀଭାବେ ମଧ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତାଙ୍କର ସାଂଗଠନିକ ଦକ୍ଷତାକୁ ଦେଖି ଭାଜପା ଜିଲା ସଭାପତି ଗୌତମ ରାୟ ରାଜ୍ୟ ପରିଷଦ ସଭ୍ୟ ଭାବେ ସୁପାରିଶ କରିଥିଲେ। ଏହି ସଫଳତା ପାଇଁ ଆଶିଷଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ରାମେଶଚନ୍ଦ୍ର ପରିଡା, ରମେଶ ବେହେରା, ଶୁକଦେବ ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଖଣି ଅଞ୍ଚଳରେ ମହାଡ଼ମ୍ବରରେ ନବବର୍ଷ ପାଳନ

**କାଳିଆପାଣି,୧୧(ଡିଏନଏ)**

କାଳିଆପାଣି ଖଣି ଅଞ୍ଚଳରେ ଇଂଲିଶ ନବବର୍ଷ ୨୦୨୦ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ସକାଳୁ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କୁ କର୍ମୀ ଓ ବିଭିନ୍ନ ଗ୍ରାମର ବାସିନ୍ଦାମାନେ କମର୍ଦ୍ଦା ଖଣି ନିକଟରୁ ସ୍ୱାଗତ କରିଥିଲେ। ପରେ ପରେ ସମସ୍ତ ଖଣି କର୍ତ୍ତୃପକ୍ଷ, ଅଧିକାରୀମାନେ ଭେଟି ପୁଷ୍ପଗୁଚ୍ଛ ଦେଇ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। କାଳିଆପାଣିରେ ଥିବା ଶ୍ରମିକ ସଂଘ ମୁଖ୍ୟ କାର୍ଯ୍ୟାଳୟରେ ସୁକିନ୍ଦା ପ୍ରେସ କ୍ଲବ ପକ୍ଷରୁ ସଭାପତି ବିଶ୍ୱଜିତ ନାୟକଙ୍କ ସମେତ ସମସ୍ତ ସଭ୍ୟ ପୁଷ୍ପଗୁଚ୍ଛ ଦେଇ ବିଧାୟକଙ୍କୁ ନୂତନ ବର୍ଷର ଶୁଭକାମନା ଦେବା ସହ ଦୀର୍ଘ ଜୀବନ କାମନା କରିଥିଲେ। ସେହିପରି ସୁକିନ୍ଦା ଖଣି ଅଞ୍ଚଳର ଜନପ୍ରତିନିଧିଙ୍କ ସମେତ ଗ୍ରାମ ମୁଖିଆ, ନିର୍ବାଚିତ ପ୍ରତିନିଧି ଓ କିଛି ବ୍ୟକ୍ତି ଘଡ଼େଇଙ୍କୁ ପୁଷ୍ପ ଗୁଚ୍ଛ ଦେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ ସ୍ଥାନରେ କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବଣ ଭୋଜି ଓ ନୂତନ ବର୍ଷ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଜିଲାପରିଷଦ ସଭ୍ୟାସଭ୍ୟ ପ୍ରତାପ ପାତ୍ର, ସରୋଜିନୀ ରାଜ, ତପସ୍ୱିନୀ ମଲ୍ଲିକ, ଭାଗ୍ୟଲକ୍ଷ୍ମୀ ରାଉତ, ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଉପାଧକ୍ଷ ବିବେକାନନ୍ଦ ବୋଷ, ବିଦ୍ୟାଧର ପାତ୍ର, ସରପଞ୍ଚ କଳ୍ପନା ଜେନା, ସବିତା ମହାନ୍ତ, ବିଶ୍ୱଜିତ ମହାନ୍ତି, ନିଳେନ୍ଦ୍ର ପ୍ରଧାନ ଓ କ୍ଲବ ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ବିଭିନ୍ନ ସ୍ଥାନରେ ବଣଭୋଜି, ବନ୍ଧୁମିଳନ ସ୍ଥଳରେ ଭିଡ଼ ଜମିଥିବାବେଳେ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଥିଲା।



ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରାଯାଉଛି।

### ବାଳାଶ୍ରମରେ ନୂଆବର୍ଷ ପାଳିଲେ ବିଧାୟକ, ଜିଲାପାଳ

**ଯାଜପୁର ଟାଉନ,୧୧(ଡିଏନଏ):** ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଜିଲାପାଳ ରଞ୍ଜନ କୁମାର ଦାସ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ସହ ନୂଆବର୍ଷ ୨୦୨୦ ପାଳନ କରିଛନ୍ତି। ବୁଧବାର ନୂଆବର୍ଷ ଅବସରରେ ପୂର୍ବାହ୍ନରେ ବାଳାଶ୍ରମରେ ବିଧାୟକ ଓ ଜିଲାପାଳ ପହଞ୍ଚି ପିଲାଙ୍କୁ ମିଷ୍ଟାନ୍ନ, ଫଳ, ଚକୋଲେଟ୍ ବଣ୍ଟନ ଓ ଫୁଲତୋଡା ବଣ୍ଟନ କରିଥିଲେ। ପରେ ଛୋଟଛୋଟ ପିଲାଙ୍କ ଦ୍ୱାରା କେକ୍ କଟାଯାଇଥିଲା। ବାଳାଶ୍ରମର ଅନ୍ତେବାସୀଙ୍କ ମଧରେ ନୂଆବର୍ଷ ପାଳନ ପାଇଁ ଆଗ୍ରହ ରହିଥାଏ। ସେମାନଙ୍କୁ ଟିକେ ଖୁସି କରିବାକୁ ଆମେ ଚେଷ୍ଟା କରିଛୁ ବୋଲି ବିଧାୟକ ଦାସ କହିଥିଲେ। ଅନ୍ୟମାନଙ୍କ ମଧରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ କୁଳମଣି ନାୟକ, ସିଡବ୍ଲୁସି ଅଧକ୍ଷା ରୀତା ବେହେରା, ସଦସ୍ୟ ରୁଦ୍ର ନାରାୟଣ ପୃଷ୍ଟି, ସୁବାସ ଚନ୍ଦ୍ର ଦେବତା, ଶୁଭ୍ରାଂଶୁ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଭାଇଙ୍କ ଗୁଣ୍ଡାଗିରି

# ୬ଜଣଙ୍କୁ ଗୋଡ଼ାଇ ହାଣିଲେ, ଜଣେ ଗୁରୁତର

**କାଳିଆପାଣି,୧୧(ଡିଏନଏ)**

ସୁକିନ୍ଦା ଥାନା ଦୁଧୁଯୋରୀ ଗ୍ରାମ ପଞ୍ଚାୟତ ଦାମୋଦରପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଦୁଇଜଣ ଯୁବକ ନିଜ ଗ୍ରାମର ୬ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଅଗାଧୁ ଦିଆଣି(୧୭) ଗୁରୁତର ହୋଇଥିବା ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ସ୍ୱର୍ଗତ ମଙ୍ଗୁଳି ଦିଆଣୀଙ୍କ ପୁଅ ଅଗାଧୁ ନୂଆବର୍ଷରେ ଭୋଜି କରି ଘରକ ଫେରୁଥିବାବେଳେ ତାଙ୍କ ଘର ସାମ୍ନାରେ ସରୋଜ ପ୍ରଧାନଙ୍କ ସାନପୁଅ ରହିବ ପ୍ରଧାନ(୨୧) ଗାଳିଗୁଲଜ କରିଚାଲିଥିଲେ। ତାହାକୁ ଅଗାଧୁ ବିରୋଧ କରିବାରୁ ଉଭୟଙ୍କ ମଧରେ ବିବାଦ ସୃଷ୍ଟି ହୋଇଥିଲା। ଘଟଣା ଉତ୍ତେଜନାପୂର୍ଣ୍ଣ ହେବା ପରେ ରହିବ ଘରକୁ ଯାଇ ବଡ଼ଭାଇ ଦେବଙ୍କୁ ଡାକିଥିଲେ। ଏହାପରେ ଉଭୟ ରହିବ ଓ ଦେବ କଟୁରୀ ଓ ଖଣ୍ଡା ଧରି ଅଗାଧୁଙ୍କ ମୁଣ୍ଡ, ପିଠି ଓ ବେକକୁ ଆକ୍ରମଣ କରିଥିଲେ। ପରେ ଅଗାଧୁ ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିବା ଦେଖି ନିକଟରେ ଉପସ୍ଥିତ ଥିବା ବିଜୟ ଦିଆଣି, ବିଜ୍ଞାନ ଦିଆଣି, ଅଜୟ ଦିଆଣି, ସୁମନ୍ତ ଦିଆଣୀ ଏବଂ ଟିନୁ ଦେହୁରୀ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ଏଥିସହ ଦୁଇ ଭାଇ ଦେବ ଓ ରହିବଙ୍କୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବାବେଳେ ଉତ୍ତେଜିତ ଅବସ୍ଥାରେ ଥିବା ଦୁଇଭାଇ ଧାରୁଆ ଅସ୍ତ୍ର ଧର ଏହି ୫ ଜଣଙ୍କୁ ମଧ ଗାଁ ଦାଣ୍ଡରେ ଗୋଡାଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଭୟଭୀତ ହୋଇ ସୁକିନ୍ଦା ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ଅଗାଧୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ଦେବ ଘଟଣାସ୍ଥଳରୁ ଖସି ପଳାଇଥିବାବେଳେ ପୋଲିସ ସାନଭାଇ ରହିବ ଏବଂ ବାପା ସରୋଜଙ୍କୁ ପୋଲିସ ଥାନାକୁ ଅଣିଥିବା ଜଣାପଡିଛି । ଖବର ଲେଖାହେବା ବେଳକୁ ପୋଲିସ ଦେବଙ୍କୁ ଗିରଫ କରିବା ପାଇଁ ଗ୍ରାମ ଓ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଜଣାପଡ଼ିଛି।

### ବାପା, ସାନପୁଅ ଅଟକ, ବଡ଼ପୁଅ ଫେରାର

# ଅପାଠୁଆ ଚାଷୀଙ୍କ ସ୍ୱଦେଶୀ ବୈଜ୍ଞାନିକ ଚିନ୍ତାଧାରା

**ରସୁଲପୁର,୧୧(ଡି.ଏନ୍.ଏ.)**

ଆଉ ଚାଷୀ ଘର ଆଗରେ ବଳଦ ବନ୍ଧା ହେବା ଦେଖିବାକୁ ମିଳୁନାହିଁ। ହଳ ପାଇଁ ଲଙ୍ଗଳ ଓ ଚାଷ ଉପକରଣ ଅଳିଗଦାରେ ପଡ଼ିଛି। ଭୂମିହୀନ ଚାଷୀ, ଭାଗଚାଷୀ, କ୍ଷୁଦ୍ରଚାଷୀ, ନାମମାତ୍ର ଓ ବଡ଼ଚାଷୀ ଏବେ ଆଧୁନିକ କୃଷି ପ୍ରଣାଳୀ ଉପରେ ନିର୍ଭଶୀଳ, ହଳ ପାଇଁ ଟ୍ରାକ୍ଟର, ମଞ୍ଜି ବୁଣିବା ପାଇଁ କୃଷି ଯନ୍ତ୍ରାଂଶ, ଫସଲ ଅମଳ ପାଇଁ ମେଶିନ ଉପରେ ନିର୍ଭର କରୁଛନ୍ତି। ତେବେ ଏହାର ନକରାତ୍ମକ ପ୍ରଭାବ ପଡୁଛି କୃଷି ଉପରେ। କ୍ଷେତରେ ବ୍ୟାପକ ଆଧୁନିକ ଯନ୍ତ୍ରାଂଶ, ଗାଡିମୋଟର ବ୍ୟାପକ ବ୍ୟବହାର ଦ୍ୱାରା ଚାଷ ଜମିର ଉର୍ବରତା କମି ଯାଉଛି। ଏପରି କି ଚାଷୀ ଉର୍ବରତାକୁ ପରିଚାଳନା କରିବା ପାଇଁ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରାଯାଉଛି। ଏହା ଉଭୟ ଚାଷୀ ଓ ଚାଷ ପ୍ରତି ହାନୀକାରକ ହେଉଛି। ଏହିଭଳି ସ୍ଥିତିରେ ଯାଜପୁର ଜିଲାର ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ନୂଆମିର୍ଜାପୁର ଗ୍ରାମର ଅପାଠୁଆ କ୍ଷୁଦ୍ରଚାଷୀ ବିକ୍ରମ ମହାପାତ୍ରଙ୍କ ସ୍ୱଦେଶୀ ବୈଜ୍ଞାନିକ ଚିନ୍ତାଧାରା କୃଷକଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ଆଶା ପ୍ରକଟିତ ହୋଇଛି।

ବିକ୍ରମ ଚାଷକୁ ଆୟୁଧ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଗୋଟିଏ ଜମିରେ ଏକାଧିକ ଫସଲ ଚାଷକରି ଲାଭାବାନ ହେଉଛନ୍ତି। ସେଥିରୁ ଉପାର୍ଜିତ ଅର୍ଥରେ ସେ ତାଙ୍କ ଦୁଇ ପୁଅଙ୍କୁ କଲେଜରେ ପାଠ ପଢାଇବା ସହ ପରିବାର ଭରପୋଷଣ ବି କରୁଛନ୍ତି। ତାଙ୍କ ଅଞ୍ଚଳର ପ୍ରାୟତଃ ସମସ୍ତ ଚାଷୀ କୃଷି କ୍ଷେତକୁ ଚାଷ କରିବା ସକାଶେ ଟ୍ରାକ୍ଟର ଓ ପାୱାର ଟିଲରକୁ ବ୍ୟବହାର କରୁଛନ୍ତି। ସେ ମଧ ସମାନ ପଦ୍ଧତିରେ ଚାଷ କରୁଛନ୍ତି। ପୂର୍ବରୁ ପାରମ୍ପରିକ ଚାଷରେ ବୋଷ୍ ଲଙ୍ଗଳର ବ୍ୟବହାର କରାଯାଉଥିଲା। ଏହି ଲଙ୍ଗଳରେ ଚାଷକଲେ ଉପର ମାଟିର ଉର୍ବରତା ବଢ଼ିବା ସହ ଭଲ ଫସଲ ହେବାରେ ସହାୟକ ହୋଇଥାଏ। ଏବେ ଆଧୁନିକ କୃଷି ଯନ୍ତ୍ରପାତିରେ ବୋଷ୍ ଲଙ୍ଗଳ ନାହିଁ। ଟ୍ରାକ୍ଟର ଫାଳି ଲଙ୍ଗଳ ବୋଷ୍ ଲଙ୍ଗଳ ଭଳି ଦେଖାଯାଉଥିଲେ ବି ଏହା ହାତ ତିଆରି ବୋଷ ଲଙ୍ଗଳ ଭଳି କାମ କରୁନାହିଁ। ବୋଷ ଲଙ୍ଗଳ ଅଧ ଇଞ୍ଚରୁ ୧ ଇଞ୍ଚ ପର୍ଯ୍ୟନ୍ତ ଗଭୀର ମାଟିକୁ ଓଲଟାଇ ଦେଇଥାଏ। ମାତ୍ର ଫାଳି ଲଙ୍ଗଳ ଅଧଫୁଟ ଗଭୀର ତଳକୁ ଉପର ମାଟିକୁ ନେଇଯାଏ। ଏହାଦ୍ୱାରା ମାଟିର ଉର୍ବରତା ନିର୍ଦ୍ଦିଷ୍ଟ କେତେକ ଫସଲକୁ ଛାଡ଼ି ଦେଲେ ଅନ୍ୟସବୁ ଫସଲ କାମରେ ଆସେ ନାହିଁ। ତାର ବିକଳ୍ପ ଚିନ୍ତାକରି କ୍ଷୁଦ୍ରଚାଷୀ ବିକ୍ରମଙ୍କ ମୁଣ୍ଡକୁ ଯନ୍ତ୍ରଚାଳିତ ବୋଷ ଲଙ୍ଗଳ ନିର୍ମାଣ ଚିନ୍ତା ଘାରିଛି। ତାଙ୍କର ଉଦ୍ଭାବନ ଚାଷୀଙ୍କ ସହାୟତାରେ ଆସିବ ବୋଲି ଆଶା କରାଯାଉଛି। ଏଥିପାଇଁ ଚାଷୀ ବିକ୍ରମ ଏକ ତିନି ଚକିଆ ଅଟୋ ଇଞ୍ଜିନକୁ ବ୍ୟବହାର କରୁଛନ୍ତି। ଏହି ଇଞ୍ଜିନ ବ୍ୟବହାର କରି ସେ ବୋଷ ଲଙ୍ଗଳ ନିର୍ମାଣ କରୁଛନ୍ତି। ଆନୁମାନିକ ୩୦ ରୁ ୪୦ହଜାର ଟଙ୍କାରେ ଏହି ଲଙ୍ଗଳ ଚାଷୀଙ୍କୁ ମିଳିଯିବ। ଅପରପକ୍ଷରେ ଚାଷ ପାଇଁ ପାୱାରଟିଲର କିଣିଲେ ଜଣେ ଚାଷୀଙ୍କୁ ୧.୭୫ଲକ୍ଷ ବ୍ୟୟ କରିବାକୁ ପଡୁଛି। ଏହି ଲଙ୍ଗଳ ଚାଷୀକୁ ଅତି କମ୍ ଖର୍ଚ୍ଚରେ ମିଳିଯିବ ଏବଂ ଚାଷୀ କୂଳକୁ ଯନ୍ତ୍ର ଚାଳିତ ବୋଷ ଲଙ୍ଗଳ ମିଳିଯିବ। ଏହାଛଡ଼ା ବିକ୍ରମ ବାଦାମ କୋଡ଼ା ଯନ୍ତ୍ର ବି ନିର୍ମାଣ କରୁଛନ୍ତି। ଏ ଦିଗରେ ତାଙ୍କର ଦୁଇପୁଅ ଓ ସ୍ତ୍ରୀ ମଧ ସହଯୋଗ କରୁଛନ୍ତି। ଏହା ଜଣାପଡ଼ିବା ପରେ ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ବିକ୍ରମଙ୍କ ନିକଟରେ ପହଁଚିଛନ୍ତି। ତାଙ୍କର ଜ୍ଞାନକୌଶଳକୁ ପରଖିଛନ୍ତି। ନିର୍ମାଣ ସରିଲେ ତାର ବ୍ୟବହାର ଓ ଉପଯୋଗିତାକୁ ପରଖା ଯିବ। ଆଉ ତାହା ଚାଷୀଙ୍କ ବ୍ୟବହାର ଉପଯୋଗୀ ହୋଇପାରିଲେ ଏହାକୁ ବିଭିନ୍ନ କୃଷିମେଳା ତାହା ଚାଷୀଙ୍କ ବ୍ଯବହାର ଉରେଯାଗୀ ହେଲେ। ଏହା ବିଭିନ୍ନ କୃଷି ମେଳାରେ ପ୍ରଦର୍ଶନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହାଛଡ଼ା ବିକ୍ରମଙ୍କୁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ପାଇଁ ଆବେଦନ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜଣେ ଚାଷୀଙ୍କ ସ୍ୱଦେଶୀ ଜ୍ଞାନକୌଶଳକୁ କେତେମାତ୍ରାରେ ସରକାରୀ ସମ୍ମାନ ମିଳୁଛି ତାକୁ ଦେଖିବାକୁ ବାକି ରହିଲା।

### ପ୍ରସ୍ତୁତି ପଥେ ହଳ ଲଙ୍ଗଳର ବିକଳ୍ପ ବୋଷ ଲଙ୍ଗଳ





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨/୨୦୨୦ Bhubaneswar, Thursday, January 2/2020

# ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ପ୍ରସାଦ ସେବନ ବ୍ୟବସ୍ଥା ବନ୍ଦ

**ରଘୁନାଥପୁର,୧।୧ (ଡି.ଏନ.ଏ.)**

**ଗୋରେଖନାଥ ପୀଠ**
- ଚତୁଃପାର୍ଶ୍ୱରେ ଲଗାହେଲା ନୋଟିସ
- ପାକଶାଳାରେ ପଡ଼ିଲା ତାଲା
- ସମୟସୀମା ମଧ୍ୟରେ ପୈଠ ହେଲାନି ଅମାନତ ଅର୍ଥ

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ନୂଆବର୍ଷ ସନ୍ଧ୍ୟାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ପ୍ରସାଦ ସେବନ ବ୍ୟବସ୍ଥାକୁ ବନ୍ଦ ରଖାଯାଇଛି। ତେବେ ପ୍ରଭୁଙ୍କ ନୀତି ପ୍ରସାଦକୁ ଛାଡି ଦେଲେ ଅନ୍ୟ କୌଣସି ଅନ୍ନପ୍ରସାଦ ପ୍ରଶାସନର ବିନା ଅନୁମତିରେ ରୋଷେଇ କରାଯାଇପାରିବ ନାହିଁ। ଏ ସମ୍ପର୍କିତ ନୋଟିସ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସମସ୍ତ ସଭ୍ୟଙ୍କ ଦସ୍ତଖତ ଥାଇ ପୀଠ ମଧ୍ୟରେ ଲଗାଯାଇଛି। ଏହାଛଡା ପ୍ରସାଦ ପ୍ରସ୍ତୁତ ହେଉଥିବା ପାକଶାଳାରେ ଟ୍ରଷ୍ଟବୋର୍ଡ ପକ୍ଷରୁ ତାଲା ପକାଇ ବନ୍ଦ କରାଯାଇଛି।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୧୫ତାରିଖରୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭକ୍ତ ତଥା ଶ୍ରଦ୍ଧାଳୁ ଯାତ୍ରୀଙ୍କ ପାଇଁ ସୁଲଭ ମୂଲ୍ୟରେ ପ୍ରସାଦ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ନିଜେ ଆସି ଭକ୍ତଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟର ଉଦ୍‌ଘାଟନ ପାଇଁ ସ୍ଥିର ହୋଇଥିଲା। ତେବେ ଏଠାରେ ପ୍ରସାଦ ପ୍ରସ୍ତୁତ କରି ବିକ୍ରୟ କରୁଥିବା ପୂଜକଙ୍କ ଆପତ୍ତିକ୍ରମେ, ସେମାନଙ୍କ ପେଟପାଟଣା କଥା ଚିନ୍ତା କରି ଜିଲାପାଳ ଏହି ବ୍ୟବସ୍ଥାକୁ ବନ୍ଦ କରି ଆଲୋଚନା ମାଧ୍ୟମରେ ସ୍ଥିର କରିବାକୁ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳଙ୍କୁ କହିଥିଲେ। ଗତ ୧୫ଦିନ ତଳେ ପୂଜକ, ଟ୍ରଷ୍ଟ ବୋର୍ଡ ସଭ୍ୟ ମ୍ୟାନେଜିଂ ଟ୍ରଷ୍ଟିଙ୍କ ଉପସ୍ଥିତରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡିସେମ୍ବର ଶେଷ ସୁଦ୍ଧା ବାର୍ଷିକ ୩ ଲକ୍ଷ ଟଙ୍କା ଟ୍ରଷ୍ଟ ବୋର୍ଡକୁ ପୈଠ କରି ପୂଜକମାନେ ପ୍ରସାଦ ପ୍ରସ୍ତୁତ କରିବାକୁ ସ୍ଥିର ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ପୂଜକମାନେ ଏଥିରେ ସହଯୋଗ ନ କରିବାରୁ ମ୍ୟାନେଜିଂ ଟ୍ରଷ୍ଟିଙ୍କ ନିର୍ଦ୍ଦେଶକ୍ରମେ ପ୍ରସାଦ ସେବନ ବ୍ୟବସ୍ଥାକୁ ବନ୍ଦ ରଖାଗଲା ବୋଲି ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଭଳ ପ୍ରକାଶ କରିଛନ୍ତି। ନୋଟିସ ମରାଯିବା ସମୟରେ ସଭ୍ୟ ସୁରେନ୍ଦ୍ରନାଥ ସ୍ୱାଇଁ, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, କ୍ଷୀରୋଦ ମହାନ୍ତି, ବାଦଲ କୁମାର ଯୋଗାଣିଆ, ସୁଶାନ୍ତ କୁମାର ଦାଶ ଓ ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୂଆବର୍ଷରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି କେବଳ ଦିନକ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସାଦ ସେବନ ପାଇଁ ଛାଡି ଦିଆଯାଇଥିଲା। ଗୁରୁବାରଠାରୁ ଏହି ନିର୍ଦ୍ଦେଶାନାମା ଲାଗୁ ହେବ ବୋଲି ନିର୍ବାହୀ ଅଧିକାରୀ ଭଳ କହିଛନ୍ତି। ତେବେ ପୀଠରେ ପ୍ରସାଦ ସେବନ ପାଇଁ, ମାନସିକଧାରୀଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ପ୍ରସାଦରେ ମଧ୍ୟ ରୋକ ଲାଗିବା ନେଇ ଚିନ୍ତା ପ୍ରକଟ କରାଯାଇଛି।

## ସଂକ୍ଷେପରେ

### ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ବାଲିକୁଦା, ୧।୧ (ସ୍ୱ.ପ୍ର.):** ନୂଆବର୍ଷରେ ବାଲିକୁଦା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ଥାନା ଅଧୀନ କାଳିଓ ପଞ୍ଚାୟତ କାଳିଓ ଗ୍ରାମର ରମେଶ ଭୋଳଙ୍କ ଝିଅ ସାଫାଳି (୨୨) ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଘରୋଇ କଳିରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ସାଫାଳି ସକାଳୁ ଉଠିବା ପରେ ସାଙ୍ଗମାନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ଶୋଇବା ଘରେ ପଶି ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସେ ଫ୍ୟାନ୍‌ରେ ଝୁଲିଥିବା ଦେଖି ତାଙ୍କ ମା' ଆଖପାଖ ଲୋକଙ୍କୁ ଡାକ ପକାଇଥିଲେ। ପଡୋଶୀମାନେ ସେଫାଳୀଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ସୁନା ଚେନ୍ ଲୁଟିନେଲେ ଦୁର୍ବୃତ୍ତ

**ଜଗତ୍‌ସିଂହପୁର ଅଫିସ୍, ୧।୧:** ନୂଆବର୍ଷରେ ଜଗତ୍‌ସିଂହପୁର ସହରରେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ସ୍ଥାନୀୟ ଓହଳର ବିଦ୍ୟୁତ୍‌ଲତା ଦାସ (୬୬) ଜୟବଡ଼ସ୍ଥିତ ଏକ ମଣ୍ଡପ ଦେଇ ଚାଲି ଚାଲି ଯାଉଥିବା ବେଳେ ୨ଜଣ ଯୁବକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧/୨୦ ନଂ.ରେ ଏକ ମାମଲା ରୁଜୁ କରିଛି। ବିଦ୍ୟୁତ୍‌ଲତା ଚାଲି ଚାଲି ବାପଘର ଚାଟରା ଯାଉଥିବା ବେଳେ ଜୟବଡ଼ଠାରେ ଥିବା ଏକ ମଣ୍ଡପ ନିକଟରେ ୨ଜଣ ଯୁବକ ଆଗପଟୁ ବାଇକ୍‌ରେ ଆସି ତାଙ୍କୁ ଡାକିଥିଲେ। ତେବେ ସେ ଠିଆ ହୋଇଯିବାରୁ ବାଇକ୍ ପଛରେ ବସିଥିବା ଯୁବକ ଜଣକ ତାଙ୍କ ବେକରୁ ୨ଭରିର ସୁନା ଚେନ୍ ଚିଣ୍ଡାଇ ନେଇଥିଲେ। ସେ ଜୋରରେ ପାଟି କରିବା ବେଳକୁ ସେମାନେ କ୍ଷୀପ୍ର ଗତିରେ ସେଠାରୁ ଚାଲି ଯାଇଥିଲେ ବୋଲି ବିଦ୍ୟୁତ୍‌ଲତା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ସପ୍ତାହ ବ୍ୟାପୀ ବାଜପେୟୀଙ୍କ ଜୟନ୍ତୀ ପାଳନ

**ରାହାମା,୧।୧(ଡି.ଏନ.ଏ.):** ରାହାମା ବଜାରର ଦୁର୍ଗାପୂଜା ମଣ୍ଡପ ପ୍ରାଙ୍ଗଣରେ ଅଟଳ ସ୍ମୃତି କମିଟି ପକ୍ଷରୁ ସପ୍ତାହ ବ୍ୟାପୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଆଇନଜୀବୀ ଗତିକୃଷ୍ଣ ଶତପଥୀ, ସମ୍ମାନିତ ଅତିଥି ସାମାଜିକ କର୍ମୀ ସୁନାକର ବେହେରା ଯୋଗ ଦେଇଥିଲେ। ଉତ୍ସବରେ ସୁନାମଧନ୍ୟ ପାଲା ଗାୟିକା ପ୍ରଜ୍ଞା ରାଉତ ତିନି ଦିନ ଧରି ପାଲା ପରିବେଷଣ କରିଥିଲେ। ଅନ୍ତର୍ଜାତୀୟ କୃଷ୍ଣ ଚେତନା ସୋସାଇଟି ପକ୍ଷରୁ ଶ୍ରୀମଦ ଭଗବତ ଗୀତାଜ୍ଞାନ ପ୍ରବଚନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାଗବତ ସାହୁ, ଆର୍ଯ୍ୟସ୍ୱାମୀ ଦାସ, ଦୁର୍ଯ୍ୟୋଧନ ସ୍ୱାଇଁ, ଅନ୍ନଦା ଶଙ୍କର ବୈଶାଖୀ, ଲିଟୁ ପଣ୍ଡିତ ଓ ସମୀର ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ଇଂଲିଶ ନବବର୍ଷରେ ସମୂହ ପ୍ରାର୍ଥନା

**ବାଲିଆ, ୧।୧ (ଡି.ଏନ୍.ଏ.):** ବିରିଡି ବ୍ଲକ ଅଧୀନ ବାଲିଆ ଗୋପୀନାଥପୁରସ୍ଥିତ ଦୁର୍ଗା ମଣ୍ଡପରେ ଇଂଲିଶ ନବବର୍ଷ ପାଳନ ଉପଲକ୍ଷେ ଯୁବପିଢ଼ି ଏକାଠି ବିଶ୍ୱବାସୀଙ୍କ ସୁଖ, ଶାନ୍ତି ଉପଲକ୍ଷେ ସମୂହ ପ୍ରାର୍ଥନା କରିଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାରକ ବାବା ଦିବାକର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ି ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ନେବାକୁ କହିବା ସହ ଆଗାମୀ ଦିନରେ ସମାଜର ହିତସାଧନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରଜତ ସାହୁ, ଅଭିଜିତ ଖୁଣ୍ଟିଆ, ଶ୍ରୀତମ ସାହୁ, କେଶବ ଚନ୍ଦ୍ର ସାହୁ, ଦୀପ୍ତିରଞ୍ଜନ ସାହୁ, ଶିବୁ ସାହୁ, ସୁଭାଙ୍ଗି ମଧୁସ୍ମିତା ବସ୍ତିଆଙ୍କ ସମେତ ବହୁ ଯୁବପିଢ଼ି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଗ୍ୟାସ୍ ରିଫିଲିଂ ବେଳେ ନିଆଁ ଲାଗିଗଲା

**ବାଲିକୁଦା, ୧।୧ (ସ୍ୱ.ପ୍ର.)**

ନିହାତି ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଛି ବାଲିକୁଦା ବଜାର। ବଜାରରେ ଥିବା ଦୋକନରେ ଗ୍ୟାସ୍ ରିଫିଲିଂ କରିବା ସମୟରେ ଅଗ୍ନିକଣ୍ଡ ଘଟିଥିବା ବେଳେ ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ବଜାରର ବ୍ୟବସାୟୀ ଝାଟୁ ବିଶ୍ୱାଳ ଦୋକନ ଭିତରେ ଗୋଟିଏ ଟାଙ୍କିରୁ ଅନ୍ୟ ଏକ ଟାଙ୍କିରେ ଗ୍ୟାସ୍ ଭର୍ତ୍ତି କରୁଥିବା ବେଳେ ମଶା ମରା ଇଲେକ୍ଟ୍ରି ବ୍ୟାଟ୍ ବ୍ୟବହାର କରିବାରୁ ହଠାତ୍ ସେଠାରେ ନିଆଁ ଲାଗିଯାଇଥିଲା। ଏଥିରେ ଝାଟୁ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ସହଯୋଗୀ ଓ ଅନ୍ୟ ଦୋକାନୀମାନେ ସେଠାରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ବାଲିକୁଦା ଅଗ୍ନିଶମ ସେବା ସଂସ୍ଥାର ଭାରପ୍ରାପ୍ତ କେନ୍ଦ୍ରାଧିକାରୀ ନବଘନ ମଲ୍ଲିକ ଟିମ ସହ ସେଠାରେ ପହଞ୍ଚି ଅଙ୍ଗାରକାମ୍ଳ ଗ୍ୟାସ୍ ସାହାଯ୍ୟରେ ନିଆଁ ଲିଭାଇଥିଲେ। ସୂଚନାଥାଉ କି, ଝାଟୁଙ୍କ ଦୋକାନକୁ ଲାଗି ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ତଥା ବାଲିକୁଦା ବିଧାୟକ ରଘୁନନ୍ଦନ ଦାସଙ୍କ ବାସଗୃହ ଥିବାରୁ ନିଆଁର ପ୍ରଭାବ ବ୍ୟାପକ ହୋଇଥିଲେ ଏହା ମନ୍ତ୍ରୀଙ୍କ ଘରକୁ କ୍ଷତି ଘଟାଇଥାନ୍ତା ବୋଲି କୁହାଯାଉଛି।

## ନୂଆବର୍ଷରେ ପେଣ୍ଟ ବେଳାଭୂମିରେ ୧୦ ହଜାର ପର୍ଯ୍ୟଟକ

**ରାଜନଗର,୧।୧(ଡି.ଏନ.ଏ.)**

ନବବର୍ଷ ଅବସରରେ ପର୍ଯ୍ୟଟକମାନେ ରାଜନଗର ବ୍ଲକର ପେଣ୍ଟ ବେଳାଭୂମିକୁ ବୁଲିବାକୁ ଯାଇ ମଜା ଉଠାଇଛନ୍ତି। ଏହି ସ୍ଥାନରେ ବୁଧବାର ୧୦ ହଜାର୍‌ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥିଲା। ବଉଳା କୁମ୍ଭୀରଙ୍କ ଗଣନା କାର୍ଯ୍ୟ ପାଇଁ ଗତ ୨୬ ତାରିଖଠାରୁ ଜାନୁୟାରୀ ୪ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିଛି। ଫଳରେ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ପେଣ୍ଟ ବେଳାଭୂମି ବୁଲିବାକୁ ଆସିଥିଲେ। ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶ ବେଳାଭୂମିରେ ଓ ଝାଉଁ ଜଙ୍ଗଲରେ ବଣଭୋଜି କରିଥିଲେ। ପର୍ଯ୍ୟଟକମାନେ ବେଳାଭୂମି ଯିବା ପୂର୍ବରୁ ବଙ୍ଗୋପସାଗର କୂଳରେ ଥିବା ପୁରାଣ ପ୍ରସିଦ୍ଧ ବନବିହାରୀଜୀଉଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ପୋଲିସ ଓ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପ୍ରଦୂଷଣ ରୋକିବାକୁ ଛାତ୍ରୀଛାତ୍ରଙ୍କ ଦାବିପତ୍ର

**ପାରାଦୀପ,୧।୧(ସ୍ୱ.ପ୍ର.)**



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଛାତ୍ରୀଛାତ୍ରମାନେ।

ପାରାଦୀପ ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରିଟିକାଲ ପ୍ରଦୂଷଣ ଏରିଆଭାବେ ଘୋଷଣା କରିଛି। ଏହି ପ୍ରଦୂଷଣକୁ ରୋକିବା ଦିଗରେ ବିହିତ ପଦକ୍ଷେପ ନେବାକୁ ବୁଧବାର ପାରାଦୀପ, କୁଜଙ୍ଗ ଅଞ୍ଚଳର ଛାତ୍ରୀଛାତ୍ର ଏକ ଦାବିପତ୍ର ବୋର୍ଡର ସଚିବଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କାଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି, ପାରାଦୀପ ଓ ଏହାର ସଂଲଗ୍ନ ଅଞ୍ଚଳ ପ୍ରଦୂଷଣ ଯୋଗୁ ଭୟଙ୍କର ଭାବେ ପ୍ରଭାବିତ ହେଉଛି। ଏହାଦ୍ୱାରା ବିଭିନ୍ନ ବ୍ୟାଧି ବୃଦ୍ଧି ପାଇବା ସହ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି। ତେଣୁ ଅଞ୍ଚଳରେ ଥିବା ଶିଳ୍ପସଂସ୍ଥାର ପ୍ରଦୂଷଣକୁ କମ୍ କରିବା ସହ ନୂତନ ଶିଳ୍ପ ସ୍ଥାପନା ନ କରିବା ପାଇଁ କହିଛନ୍ତି। ଛାତ୍ରୀଛାତ୍ର ମାନବଶୃଙ୍ଖଳ କରି ଏହ ଦାବିପତ୍ର ଦେଇଥିଲେ। ସୂଚନାଯୋଗ୍ୟ, ଆସନ୍ତା ୭ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ପାରାଦୀପ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ସେ ପ୍ରଦୂଷଣ ସ୍ଥିତି ସମୀକ୍ଷା କରିବେ।

## ଅଗ୍ନିକାଣ୍ଡରେ ତିନି ବଖରା ଭସ୍ମୀଭୂତ

**ରାଜନଗର,୧।୧(ଡି.ଏନ.ଏ.)**

ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ବ୍ରାହ୍ମଣୀକୋହ୍ଲା ଗାଁର କଳାକାର ସ୍ୱାଇଁଙ୍କ ଘରେ ବୁଧବାର ଅଗ୍ନିକାଣ୍ଡ ଘଟି ତିନି ବଖରା ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଧାନ, ଚାଉଳ ସମେତ ଆସବାବପତ୍ର ପୋଡିଯାଇଛି।

## ମୃତଦେହ ବୋହୁଥିବା ବ୍ୟକ୍ତିଙ୍କୁ ସହାୟତା

**ନାଉଗାଁ, ୧।୧ (ସ୍ୱ.ପ୍ର.)**

ମେଡିକାଲରୁ ମୃତଦେହ ଆଣିବା ପାଇଁ ହେଉ ବା ବ୍ୟବଚ୍ଛେଦ ପାଇଁ ମେଡିକାଲ ନେବା ହେଉ, ସେ ସମୟରେ ଖୋଜାପଡ଼ନ୍ତି ନାଉଗାଁ ବ୍ଲକ ଅଧୀନ ଚାନ୍ଦପୁରା ଗ୍ରାମର ବିଷ୍ଣୁ ଚରଣ ଗୋଚ୍ଛାୟତ (ବାବା)। ଖରା,ବର୍ଷା କି ଶୀତଦିନେ ଦିନ ହେଉ କି ରାତି ଅଧ ସେ କେବେ ମନା କରନ୍ତିନି। ସେ ଅଦ୍ୟାବଧି ପ୍ରାୟ ୫ଶହ ମୃତଦେହ ନିଜ ଗାଡ଼ିରେ ବୁହାଇ ସାରିଲେଣି। ତେବେ ନୂଆବର୍ଷ ଅବସରରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପପିନ୍ଦ୍ର ଲେଙ୍କା ବୁଧବାର ବାବାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଶାରଳା ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



**ତିର୍ତ୍ତୋଲ,୧।୧(ଡି.ଏନ.ଏ.)**

ଇଂଲିଶ ନବବର୍ଷ ପାଇଁ ବୁଧବାର କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ପୀଠରେ ମା'ଙ୍କ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ପ୍ରଚଳ ଥଣ୍ଡା ସତ୍ତ୍ୱେ ଶ୍ରଦ୍ଧାଳୁ ଦୂରଦୂରାନ୍ତରରୁ ଆସି ମା'ଙ୍କ ଦର୍ଶନ କରିଥିଲେ। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୀଠ ପରିସରରେ ଗହଳି ଲାଗି ରହିଥିଲା। ବହୁ ରାଜନେତା, ଉଚ୍ଚ ପଦସ୍ଥ ଅଧିକାରୀ ମା'ଙ୍କ ଦର୍ଶନ କରିଥିଲେ। ଶୃଙ୍ଖଳିତ ଦର୍ଶନ ନିମନ୍ତେ ତିର୍ତ୍ତୋଲ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଦୋଛକିରେ ଦୁର୍ଘଟଣା, ଜଣେ ମୃତ

**ପାରାଦୀପ,୧।୧(ସ୍ୱ.ପ୍ର.)**

ପାରାଦୀପର ପ୍ରବେଶ ପଥ ଦୋଛକିଠାରେ ବୁଧବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ହେଲେ ମୃତକଙ୍କ ପରିଚୟ ମିଳି ପାରିନାହିଁ। ଲକ୍‌ଥାନା ପୋଲିସ ମୃତଦେହକୁ ଜବତ କରି ବିଜୁ ମେମୋରିଆଲ୍ ହସ୍‌ପିଟାଲରେ ରଖିଛି। ମୃତଦେହ ଦୋଛକି ସମ୍ମୁଖ ୫ନଂ(କ) ଜାତୀୟ ରାଜପଥର ଡିଭାଇଡରରେ ପଡ଼ିଥିଲା। ଏହି ଖବର ପ୍ରଚାରିତ ହେବାପରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଫେରାର ହୋଇଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ଯଦୁମଣିଙ୍କ ଜୟନ୍ତୀ ପାଳିତ



**କେନ୍ଦ୍ରାପଡା ଅଫିସ, ୧।୧**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପ ବାଚସ୍ପତି ଯଦୁମଣି ମଙ୍ଗରାଜଙ୍କ ୧୨୬ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଯଦୁମଣି ମଙ୍ଗରାଜ ସ୍ମୃତି କମିଟି ପକ୍ଷରୁ ସହରର ତିନିମୁହାଁଣି ଛକରେ ସ୍ଥାପିତ ସ୍ୱର୍ଗତ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହିତ ଉକ୍ତ ସ୍ଥାନରେ ଶିକ୍ଷାବିତ୍ ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଦ୍ୟୁମ୍ନ କୁମାର ରାଉତ, ବିବେକାନନ୍ଦ ମହାରଣା, ଦୁର୍ଗା ପ୍ରସାଦ ପତି, ବିଜୟ ଦାସ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଙ୍ଗରାଜଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିମାନେ ସ୍ୱର୍ଗତ ମଙ୍ଗରାଜଙ୍କ କେନ୍ଦ୍ରାପଡାବାସୀଙ୍କ ପାଇଁ ଉର୍ତ୍ସଗୀକୃତ ଜୀବନ, ସାମାଜିକ କର୍ମ ସମ୍ପର୍କରେ ଆଲୋକପାତ କରିଥିଲେ ।

## ୩ରୁ ରାଜ୍ୟସ୍ତରୀୟ ଫୁଟବଲ କପ୍ ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୧।୧**

ଆସନ୍ତା ୩ରୁ କେନ୍ଦ୍ରାପଡା ଟାଉନ ହାଇସ୍କୁଲ ଖେଳପଡିଆରେ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଫୁଟବଲ କପ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତିଯୋଗିତାରେ ଭଦ୍ରକ ଜିଲାର ୟୁନାଇଟେଡ କ୍ଲବ, କଟକର ଜାଗୁଲାଇ କ୍ଲବ, ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲ, ଭୁବନେଶ୍ୱରର ଫ୍ରେଣ୍ଡସ ଆଣ୍ଡ ଫ୍ରେଣ୍ଡସ କ୍ଲବ, କଟକର ଭୁଆସୁଣୀ କ୍ଲବ, କେନ୍ଦ୍ରାପଡାର ସୁରଜ ସ୍ପୋର୍ଟିଂ, ଲେବର ସ୍ପୋର୍ଟିଂ ଓ ଖୋର୍ଦ୍ଧାର ଶ୍ରଦ୍ଧାପୁର ସ୍ପୋର୍ଟସ ଭାଗ ନେଉଛନ୍ତି । ପ୍ରତିଯୋଗିତାଗୁଡ଼ିକ ଅପରାହ୍ନ ୨ଟା ୩୦ ମିନିଟରେ ଆରମ୍ଭ ହେବ । ଉଦ୍‌ଯାପନୀ ଦିବସର ପୂର୍ବାହ୍ନ ୧୧ଟା ବେଳେ ମହିଳା ବର୍ଗର ପ୍ରଦର୍ଶନୀ ପ୍ରତିଯୋଗିତା ହେବ । ଏଥିରେ ଯାଜପୁର ଜିଲାର ଯୁବ କ୍ଲବ ଓ ଆଳିର ଆଥେଲେଟିକ ଆସୋସିଏଶନ ଭାଗ ନେଉଛନ୍ତି ବୋଲି ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଗଡ୍‌ମେକର ପକ୍ଷରୁ ଶିଶିର ଉତ୍ସବ



ଶିଶିର ଉତ୍ସବ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ପଟ୍ଟାମୁଣ୍ଡାଇ, ୧।୧ (ସ୍ୱ.ପ୍ର)**

ନବବର୍ଷ ୨୦୨୦କୁ ସ୍ୱାଗତ ଜଣାଇ ରାଜ୍ୟର ସର୍ବ ବୃହତ୍ କଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଂଗଠନ(ଗଡ୍‌ମେକର୍) ପକ୍ଷରୁ ବୁଧବାର ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ସମ୍ମୁଖସ୍ଥ ମଣ୍ଡପରେ ରଙ୍ଗାରଙ୍ଗ ଶିଶିର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ୧୪ ବର୍ଷ ଧରି ଗଡ୍‌ମେକର୍ ପକ୍ଷରୁ ନୂତନ ବର୍ଷ ପାଳନ ଅବସରରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି । ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ହୃଷୀକେଶ ରଥ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସଙ୍ଗୀତ ଗୁରୁ ଅଖିଳ କୁମାର ଲେଙ୍କା, ତବଲା ଗୁରୁ ସମୀର ରଞ୍ଜନ ଦାସ, ଚିତ୍ରକଳା ଗୁରୁ ରମେଶ କୁମାର ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଦୟାନିଧି ବଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିସହିତ ଆସାମର ବିହୁ, ମହାରାଷ୍ଟ୍ରର ଲାବଣୀ, ଉତ୍ତରପ୍ରଦେଶର ତରାନା, ବୃନ୍ଦାବନର ରାଧାକୃଷ୍ଣ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା । ଅନୁଷ୍ଠାନର ଶିଳ୍ପୀ ସମ୍ପୂର୍ଣ୍ଣା, ଇପ୍ସାରାଣୀ ବେହେରା, ସ୍ମୃତିପ୍ରିୟା ପ୍ରଧାନ, ବର୍ଷାରାଣୀ ମଲ୍ଲିକ, ଆକାଂକ୍ଷା ବେହେରା, ଲିପ୍ସା ବେହେରା, ବୈଶାଖୀ ରାଉତ, ଗାୟତ୍ରୀ ଖଟୁଆ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ସଂଗଠନ ସମ୍ପାଦକ ଧ୍ରୁବ ଚରଣ ସାହୁ ଧନ୍ୟବାଦ ଦେଇଥିଲେ । ଶିଶିର ଉତ୍ସବକୁ ବହୁ ଦର୍ଶକ ଉପଭୋଗ କରିଥିଲେ ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

